12/5/21

# ଉପେନ୍ଦ୍ର ଭଞ୍ଜ

ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟରେ କବିସମ୍ରାଟ ଭାବରେ ପରିଚିତ। ସେ ଭଞ୍ଜନଗରର ଅନତିଦୂରରେ ଅବସ୍ଥିତ ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ। ଉପେନ୍ଦ୍ର ଭଞ୍ଜ ରାମ ତାରକ ମନ୍ତ୍ର ଜପ କରି କବିତ୍ୱ ଶକ୍ତି ଲାଭ କରିଥିଲେ। ସେ ଓଡ଼ିଆ ସାହିତ୍ୟରେ ବଳିଷ୍ଠ କବିଧି ପାଇଁ ପରିଚିତ। କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ, ବୈଦେହୀଶ ବିଳାସ, ରସିକ ହାରାବଳୀ, ପ୍ରେମ ସୁଧାନିଧି, ସୁଭଦ୍ରା ପରିଣୟ, କଳା କଉତୁକ, ଛାନ୍ଦଭୂଷଣ ଆଦି କାବ୍ୟ, ରସପଞ୍ଚକ ଭଳି ଗୀତାତ୍ମକ ଆଳଂକାରିକ କୃତି ଓ ଗୀତାଭିଧାନ ନାମକ ପର୍ଯ୍ୟାୟକ ଶବ୍ଦକୋଷ ଉପେନ୍ଦ୍ରଙ୍କ ଅଳଙ୍କାରମନସ୍କ, ପାଣ୍ଡିତ୍ୟ ଏବଂ କବିପ୍ରତିଭାର କାଳଜୟୀ କୃତି। ତାଙ୍କ ରଚିତ ଚଉପଦୀ ଓ ଚଉତିଶା ଓଡ଼ିଆ ଗୀତି - କବିତା ଧାରାରେ ଅପରୂପ ସୃଷ୍ଟି ରୂପେ ବିବେଚିତ ହେଉଛି।